PURI

Gajapati Maharaja Dibyasingha Deb

ତା-୨୨.୦୪.୨୦୧୪

ପ୍ରାପ୍ତେଷୁ

ଶ୍ରୀଯୁକ୍ତ ରବିନ୍ଦ୍ରନାଥ ପ୍ରତିହାରୀ

ମହାସଚିବ, ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ,ପୁରୀ

**ବାର୍ତ୍ତା**

ଅଖିଳବ୍ରହ୍ମାଣ୍ଡନାଥ ପରମକାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ସର୍ବକଲ୍ୟାଣମୟ ସର୍ବଶକ୍ତିମାନ୍ ସର୍ବାଶ୍ରୟ ସର୍ବନିୟନ୍ତା ସର୍ବବ୍ୟାପୀ ସର୍ବାନ୍ତର୍ଯ୍ୟାମୀ ଓ ସର୍ବଜ୍ଞ ଅଟନ୍ତି । ସେ ଯେପରି ରହସ୍ୟମୟ ତାଙ୍କର ପ୍ରତ୍ୟେକ ଲୀଳା ମଧ୍ୟ ସେହିପରି ରହସ୍ୟପୂର୍ଣ୍ଣ । ଯାହାଙ୍କର ସତ୍ତାକୁ ପ୍ରକାଶ କରିବା ପାଇଁ ଚତୁର୍ବେଦ, ପ୍ରଜାପତି ବ୍ରହ୍ମା ଓ ସର୍ବଜ୍ଞ ଶଙ୍କର ମଧ୍ୟ ଅସାମର୍ଥ୍ୟ ପ୍ରକଟ କରନ୍ତି, ସାଧାରଣ ମନୁଷ୍ୟ ବା ତାଙ୍କୁ କିପରି ଜାଣିପାରିବ । ମହାପ୍ରଭୁଙ୍କଠାରେ ସରଣାଗତି ହିଁ ତାଙ୍କୁ ଅନୁଭବ କରିବା ନିମନ୍ତେ ଏକମାତ୍ର ଉପାୟ ।

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ ସମ୍ପୂର୍ଣ୍ଣ ଶରଣାଗତି ଭାବନେଇ ଆନ୍ତରିକତାର ସହିତ ଦୀର୍ଘ ଛଅବର୍ଷ ଧରି ମହାପ୍ରଭୁଙ୍କ ମହିମା ପ୍ରଚାର ସହିତ ଯେଉଁସବୁ ସେବାମୂଳକ କାର୍ଯ୍ୟ କରିଆସୁଛନ୍ତି, ତାହା ବାସ୍ତବିକ୍ ପ୍ରଶଂସାଯୋଗ୍ୟ । ସମଗ୍ର ଭାରତବର୍ଷରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତାଙ୍କ ସହିତ ଭାବଗତ ସମ୍ପର୍କ ରକ୍ଷାକରି ମୂଳପୀଠର ରୀତିନୀତି ସହିତ ଅବଗତ କରାଇବା ସହ ଶ୍ରୀଜଗନ୍ନାଥ ଚେତନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରାଇବା ନିମନ୍ତେ ପ୍ରତିଷ୍ଠାନ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛି, ସେଥିପାଇଁ ସାଧୁବାଦ ଜଣାଉଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ବନ୍ଧରେ ଥିବା ଅନାଲୋଚିତ ତଥ୍ୟଗୁଡିକୁ ଆଲୋଚନାଚକ୍ର ମାଧ୍ୟମରେ ଲୋକଲୋଚନକୁ ଆଣି ପ୍ରତିଷ୍ଠାନ ପକ୍ଷରୁ ତାହାକୁ ପୁସ୍ତକ ଆକାରରେ ପ୍ରକାଶ କରାଯାଉଛି, ଏହି କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ।

ଏହି ପରିପ୍ରେକ୍ଷୀରେ ଜାତୀୟ ସ୍ତରୀୟ ଅଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ତାର ପଂଚମ ବାର୍ଷିକ ଉତ୍ସବ ପାଳନ କରୁଥିବା ଜାଣି ମୁଁ ଆନନ୍ଦିତ । ଉକ୍ତ ପ୍ରତିଷ୍ଠାନର ଉତରୋତର ଉନ୍ନତି କାମନା କରିବା ସହିତ ଉତ୍ସବର ସର୍ବାଙ୍ଗୀନ ସଫଳତା ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ନିବେଦନ ଜଣାଉଛି ।

ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବାନୁରତ

ଦିବ୍ୟସିଂହ ଦେବ

ଦିବ୍ୟସିଂହ ଦେବ

Sri Nahar, Puri 752001. Ph: +91-6752-222829